# Akashvani, Sambalpur

## SAMBALPURI NEWS EVENING BULLETIN

## 14 September 2025- 7.02 pm- 7.12 pm.

*********************************************

୧- ଝାର୍‌ସୁଗୁଡ଼ାର ୧୬ ଟା ପଂଚାୟତ୍ ନ ହର୍ ଘର୍ ନଲ୍ ଯୋଜ୍‌ନାଥି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ୍ କଲେ ରାଜସ୍ୱ ମନ୍ତ୍ରୀ ।

୨- ଅଧାନୁ ପାଠ୍ ଛାଡ଼ିଥିବା ଛାତ୍ରଛାତ୍ରୀମାନ୍‌କର୍ ସଂଖ୍ୟାକେ କମାବାର୍ ଲାଗି ନିଆଯାଉଛେ ପଦକ୍ଷେପ୍- କହେଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

-ସମ୍ବଲ୍‌ପୁର୍ ନ ହେଇଛେ 'ଆସ ସ୍କୁଲ୍ ଯିବା' ସଚେତନତା କାର୍ଯ୍ୟକ୍ରମ୍ ।

୩- ହିନ୍ଦୀ ଭାଷାର୍ ପ୍ରଚାର୍ ପ୍ରସାର୍ ଲାଗି ଆଏଜ୍ ପାଳନ୍ କରାଯାଉଛେ ହିନ୍ଦୀ ଦିବସ୍ ।

ଆଉର୍

୪- ରାଜ୍ୟର୍ ଶକ୍ତି ପୀଠମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ଷୋହଳ ପୂଜା ।

- ଛୁଆମାନ୍‌ମାନ୍‌କର୍ ମଙ୍ଗଲ୍ କାମନା କରିକରି ପଶ୍ଚିମଓଡ଼ିଶା ନ ମହିଳାମାନେ କରୁଛନ୍ ପୁଓଜିଉଁତିଆ ।

ରାଜସ୍ୱ ମନ୍ତ୍ରୀ-ପାନୀୟ ଜଲ ପ୍ରକଳ୍ପ ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଝାର୍‌ସୁଗୁଡ଼ା ଜିଲ୍ଲା ଲଖନ୍‌ପୁର୍ ବ୍ଲକ୍‌ର ୧୬ ଟା ପଂଚାୟତ୍‌ର ପିଇବାର୍ ପାଏନ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିଛନ୍ । ଶହେ ୯ କୋଟି ୪୫ ଲାଖ୍ ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଇ ପ୍ରକଳ୍ପ ନ ୧୬ ଟା ପଂଚାୟତ୍‌ର ୧୪ ହଜାର୍ ୮ ଶହ ୮୧ ଟା ପରିବାର୍ ହର୍‌ଘର୍ ନଲ୍ ଯୋଜ୍‌ନାଥି ଲାଭ୍ ପାଏବେ । ସେନ୍ତା ବ୍ରଜ୍‌ରାଜ୍‌ନଗର୍ ନ ୨୦ କୋଟିନୁ ଅଏତ୍‌କା କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ନୂଆଁ ରାସ୍ତାର୍ ଭିଲ୍ ଉଦ୍‌ଘାଟନ୍ ଆଉ ଶିଲାନ୍ୟାସ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର୍ ସହେତେ ପାନୀୟ ଜଲ ଯୋଗାଣ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଆସ ସ୍କୁଲ୍ ଯିମା ସମ୍ବଲପୁର ସମ୍ବାଦଦାତା

ବିଦ୍ୟାଳୟମାନ୍‌କୁ ଅଧାନୁ ପାଠ୍ ଛାଡୁଥିବା ଛାତ୍ରଛାତ୍ରୀମାନ୍‌କୁ ଫେର୍‌ଥରେ ଶିକ୍ଷା ବ୍ୟବସ୍ଥାଥି ସାମିଲ୍

କର୍‌ବାର୍ ଲାଗି ସମ୍ବଲ୍‌ପୁର୍ ନ ‘ଆସ ସ୍କୁଲ୍ ଯିବା’ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆର୍ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ପ୍ରମୁଖ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ନୂଆଁ ଶିକ୍ଷାନୀତି ଅନ୍‌ସାରେ କେନ୍‌ସି ଭିଲ୍ ଛୁଆମାନେ ପାଠ୍‌ପଢ଼ା ଯେନ୍‌ତା ନାଇଁ ଛାଡ଼୍‌ବେ ସେଥିର୍‌ଲାଗି ଇ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଥିଲା । ସୂଚ୍‌ନା ଅନ୍‌ସାରେ ରାଏଜେ ବିଦ୍ୟାଳୟ ଯାଉଥିବା ଛୁଆମାନ୍‌କର୍ ସଂଖ୍ୟା ସମ୍ବଲ୍‌ପୁରେ ଅଏତ୍‌କା ରହିଛେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ ସମ୍ବଲ୍‌ପୁର୍ ଜିଲ୍ଲା ନ ୩ ହଜାର୍ ଶହେ ଝନ୍ ଛୁଆ ଅଧାନୁ ପାଠ୍ ଛାଡ଼ିଛନ୍ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ । ଜିଲ୍ଲା ନ ପାଖାପାଖି ୧ ଲାଖ୍ ୬ ହଜାର୍ ଛୁଆ ଅଛନ୍ । ଆଉ ସବୁ ଛୁଆକୁ ବିଦ୍ୟାଳୟକେ ଆନ୍‌ବାର୍ ଲାଗି ଶିକ୍ଷକ୍ ଆଉ ଜିଲ୍ଲା ଶିକ୍ଷା ଅଧିକାରୀମାନ୍‌କୁ ଦାୟିତ୍ୱ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ୍)

ସେବା ପକ୍ଷ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ରେଲ୍‌ଷ୍ଟେସନ୍ ନ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ୍‌ଥି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍

ଯୋଗ୍ ଦେଇକରି କହିଛନ୍, ପରିବେଶ୍‌କେ ସଫା ରଖିଲେ ସମାଜ୍ ନ ସଭେ ସୁସ୍ଥ ରହିପାର୍‌ବେ । ଗଲାବଛର୍ ତୁଲ୍‌ନାଥି ସମ୍ବଲ୍‌ପୁର୍ ସହର୍ ସ୍ୱଚ୍ଛ ସର୍ବେକ୍ଷଣ୍‌ଥି ଶହେ ପଏଂଟ୍ ଉପର୍‌କେ ଉଠିଛେ ବଲି କେନ୍ଦ୍ରମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ ଭିଲ୍ ଯୋଗ୍ ଦେଇଥିଲେ । ସମ୍ବଲ୍‌ପୁର୍ ମଣ୍ଡଲ୍ ରେଲ୍‌ପ୍ରବନ୍ଧକଙ୍କର୍ କାର୍ଯ୍ୟାଳୟନୁ କ୍ଷେତରାଜ୍‌ପୁର୍ ଛକ୍ ତକ୍ ଗୁଟେ ସଫେଇ ଅଭିଯାନ୍ ଚାଲିଥିଲା । ଇ ଅବ୍‌ସରେ ସ୍ୱଚ୍ଛତାକେ ଗୁଟେ ଜନ ଆନ୍ଦୋଲନ୍ କର୍‌ବାର୍ ଲାଗି ଶ୍ରୀ ପ୍ରଧାନ୍ ଆହ୍ୱାନ୍ ଦେଇଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ-ସମୀକ୍ଷା ସମ୍ବଲପୁର ସମ୍ବାଦଦାତା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସମ୍ବଲ୍‌ପୁର୍ ଜିଲ୍ଲାପାଳ୍‌ଙ୍କର୍ କାର୍ଯ୍ୟାଳୟ ନ ପ୍ରଶାସନିକ୍ ଅଧିକାରୀମାନ୍‌କର୍ ସହେତେ ସମୃଦ୍ଧ ଗାଁ ସମୃଦ୍ଧ ସମ୍ବଲ୍‌ପୁର୍ ବୈଠକ୍‌ଥି ଯୋଗ୍ ଦେଇଥିଲେ । ଗାଁ ଇଲାକା ନ ଲୁକ୍‌କର୍ ମୌଳିକ୍ ସୁବିଧାକେ ପ୍ରାଥମିକତା ଦେବାର୍ ସ୍ୱଚ୍ଛତା, ପିଇବାର୍ ପାଏନ୍, ଜୀବନ୍ ଜୀବ୍‌କା ଉପ୍‌ରେଜୋର୍ ଦେଇକରି ପ୍ରଶାସନିକ୍ ସଂସ୍କାର୍ ଆଉ ଆନୁସଙ୍ଗିକ୍ ଭିତିଭୂମିର୍ ବିକାଶ୍ ଉପ୍‌ରେ ବୈଠକ୍‌ଥି ଆଲୋଚନା

କରିଥିଲେ । ମନରେଗା ଯୋଜ୍ନାଥି ଶ୍ରମିକ୍ ମାନ୍କୁ ସଶକ୍ତ କର୍ବାର୍ , ପିଏମ୍ ସ୍ୱନିଧି ଯୋଜ୍ନାଥି ଛୋଟ୍ ବେପାରୀମାନ୍କୁ ଆତ୍ମନିର୍ଭର୍ କର୍ବାର୍, ଏସ୍.ଏଚ୍.ଜି. ସଂଗଠନ୍ର ଆର୍ଥିକ୍ କାର୍ବାର୍କେ ଠିକ୍ ଢଙ୍ଗେ ବ୍ୟବସ୍ଥିତ୍ କର୍ବାର୍ ବାଗିର୍ ଭିନ୍ ଭିନ୍ ବିଷେଥି ଆଲୋଚନା ହେଇଛେ । ସମ୍ବଲ୍ପୁର୍ ନ ଥିବା ସମ୍ଭାବନା, ଭିତିଭୂମି, ଉତ୍ପାଦନ୍ ଆଉ ବଜାର୍କେ ନଜର୍ଥି ରଖିକରି ସମ୍ବଲ୍ପୁରୀ ବ୍ରାଣ୍ଡ୍କେ ଆଗ୍କେ ନେବାର୍ ଆମର୍ ଲକ୍ଷ୍ୟ ଆଏ ବଲି ବୈଠକ୍ଥି ଶ୍ରୀ ପ୍ରଧାନ୍ କହିଛନ୍ । ବୈଠକ୍ଥି ପଂଚାୟତିରାଜ୍ମନ୍ତ୍ରୀ ରବିନାରାୟଣ୍ ନାଏକ ଆଉ ସମ୍ବଲ୍ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ରଙ୍କର୍ ସହେତେ ପ୍ରଶାସନିକ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍ନେଶ୍ୱର୍ ଠାନେ ଆଏବା କାଏଲ୍ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଶୁଣାଣି ବନ୍ଦ୍ ରହେବା ଆଉ ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଜିଏସ୍‌ଟି ହି.ସ.

ଜିଏସ୍‌ଟି କମ୍‌ବାର୍ ଉତ୍‌ରୁ ଭିନ୍ ଭିନ୍ ଦରବ୍ ଉପ୍‌ରେ ସଂଶୋଧିତ୍ ଦାମ୍ ଲେଖିବାର୍‌ଟା ବାଧ୍ୟତାମୂଲକ୍ ଆଏ ବଲି କେନ୍ଦ୍ର ଖାଉଟି ବ୍ୟାପାର୍, ଖାଦ୍ୟ ଜନବିତରଣ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଜାରି ହେଇଛେ । ଇ ବାବ୍‌ଦେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚ୍‌ନା ଦେଇକରି କହିଛନ୍, ସବୁ ଉତ୍ପାଦକ୍, ପେକର୍ ଆଉ ଆମ୍‌ଦାନୀକାରୀମାନ୍‌କୁ କେନ୍ଦ୍ରର୍ ଇ ନିର୍ଦ୍ଦେଶ୍‌କେ ପାଲନ୍ କର୍‌ବାର୍‌କେ ପଡ଼୍‌ବା । ଜିଏସ୍‌ଟି ସଂଶୋଧନ୍ ହେବାର୍ ଆଘୋନୁ ଦରବ୍ ମାନ୍‌କେ ନୂଆଁ ଦାମ୍ ଲେଖିବାର୍ ଜରୁରୀ ଆଏ ବଲି ଶ୍ରୀ ପାତ୍ର କହିଛନ୍ । ଇ ବଛର୍ ଡିସେମ୍ବର୍ ଶେଷ୍‌ତକ୍ ସଂଶୋଧିତ୍ ଜିଏସ୍‌ଟି ଦର୍ ଲାଗୁ କରାଯିବା । ସେଆଡ଼େ ପୁର୍‌ନା ଦାମ୍ ସହେତେ ନୂଆଁ ଦାମ୍ ଭିଲ୍ ଲେଖିବାର୍‌କେ ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- କୃଷ୍ଣଚନ୍ଦ୍ର ପାତ୍ର)

ହିନ୍ଦୀ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର

ସାରା ଦେଶେ ଆଏଜ୍ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ସମ୍ବିଧାନ୍ ସଭା ନ ୧୯୪୯ ମସିହାର୍ ଆଝିର୍ ଦିନେ ଦେବ୍‌ନାଗ୍‌ରୀ ଲିପିଥି ଲେଖା ହେଇଥିବା ହିନ୍ଦୀକେ ସର୍‌କାରୀ ଭାଷା ଭାବେ ଗ୍ରହଣ୍ କରାହେଇଥିଲା । ପୁର୍‌ଥିର୍ ପାଖାପାଖି ୫୨ କୋଟି ନୁ ଅଏତ୍‌କା ଲୋକ୍ ହିନ୍ଦୀ ଭାଷାର୍ ବେଭାର୍ କରୁଛନ୍ ।

ହିନ୍ଦୀ ଦିବସ୍ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ହିନ୍ଦୀ ଭାଷା ଖାଲି ଗୁଟେ ଭାବ୍ ଦିଆନିଆର୍ ମାଧ୍ୟମ୍ ନୁହେଁସେ । ଇଟା ଭାରତୀୟ ସମୃଦ୍ଧି, ଐତିହ୍ୟର୍ ପରିଚୟ ଆଉ ମୂଲ୍ୟବୋଧ୍‌କେ ଦର୍ଶାସି । ହିନ୍ଦୀ ଭାଷା ଆମର୍ ଲାଗି ଖୋବ୍ ଗରବ୍ ଆଉ ଗୌରବ୍‌ର ବିଷେ ଆଏ । ଯେନ୍‌ଟାକି ଆମ୍‌କୁ ଦେଶ୍ ଗଢ଼୍‌ବାର୍ ଲାଗି ତହଁକାସି ।

ସେନ୍ତା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ହିନ୍ଦୀ ଦିବସ୍ ଅବ୍‌ସରେ ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇକରି ଦେଶର୍ ଭାଷା ଆଉ ଉପଭାଷାର୍ ବିକାଶ୍ ଲାଗି ହିନ୍ଦୀ ଭାଷା ଗୁଟେ ସଂଯୋଗ୍‌ର ଜରିଆ ଭାବେ କାମ୍ କରୁଛେ ବଲି କହିଛନ୍ ।

ଜିଏସ୍‌ଟି                ଆର୍‌ଏନ୍‌ୟୁ/ ସମ୍ବଲପୁର

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ବହୁତ୍‌ଟେ ଅତିଜରୁରୀ ଦରବ୍ ଉପ୍‌ରେ ଟିକସ୍ ଛାଡ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦିଆଯାଇଛେ । ଯେନ୍‌ଟାକି ଦେଶର୍ ଗରିବ୍ ଆଉ ମଧ୍ୟବିତ ପରିବାର୍ ଲାଗି ବହୁତ୍ ବଡ଼ ଆଶ୍ୱସ୍ତି ଆନିଦେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌କେ ସବୁ ମହଲ୍‌ନୁ ସ୍ୱାଗତ୍ କରାଯାଇଛେ । ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲା ବୁର୍ଲା ଏନ୍‌ଏସି କଲେଜ୍ ବାଣିଜ୍ୟ ବିଭାଗ୍‌ର ଅଧ୍ୟାପକ ଫର୍‌ହାନ୍ ହାଇଦର୍ କହିଛନ୍....

(ଭଏସ୍ ଓଭର୍ -ଫର୍‌ହାନ୍ ହାଇଦର୍)

ପୁଓଜିଉଁତିଆ/ ଷୋଡ଼ଷ ପୂଜା  ଆର୍‌ଏନ୍‌ୟୁ

ସମ୍ବଲପୁର୍/ ସୁବର୍ଣ୍ଣପୁର୍/ ବୌଦ୍ଧ ସମ୍ବାଦଦାତା

ଆଏଜ୍ ପବିତ୍ର ମୂଳାଷ୍ଟମୀଥି ପଶ୍ଚିମ ଓଡ଼ିଶାର୍ ମା ମାନେ ପୁଓଜିଉଁତିଆ ପାଳନ୍ କରୁଛନ୍ ।  ପୁଓ ମାନ୍‌କର୍ ମଙ୍ଗଲ୍‌କାମ୍‌ନା କରିକରି ମା ମାନେ ଇ ଉପାସ୍ କରିଛନ୍ । ମା ମାନେ ନିର୍ଜଳା ଉପାସ୍ ରହିକରି ଦୁତିବାହନ ଆର୍ ଷଠୀ ମା ଙ୍କର୍ ପୂଜା

କରୁଛନ୍ । ଗାଁ ଆର୍ ପଡ଼ା ମାନ୍‌କର୍ ଛକ୍ ଜାଗା ମାନ୍‌କେ ଇ ପୂଜାର୍ ଲାଗି ବେଦୀ ମାନ୍ ତିଆର୍ କରାଯାଇକରି ପୂଜା ଚାଲିଛେ । ଆଏବା କାଏଲ୍ ସଖାଲେ ମା’ ମାନେ ଘରେ ପୁଓ ମାନ୍‌କୁ ଶହେ ୮ ଦୁବ, ଚାଉଲ୍‌ଥି ବନ୍ଦେଇକରି ଜୁଁତିଆ ପିନ୍ଧାବେ ।

ଶାରଦୀୟ ଦୁର୍ଗାପୂଜା ଲାଗି ରାଜ୍ୟର୍ ଶକ୍ତିପୀଠ ମାନ୍‌କେ ୧୬ ଦିନିଆ ପୂଜା ମୁଲ୍ ହେଇଛେ । ପୁରୀର୍ ଅଧିଷ୍ଠିତ୍ ଅଷ୍ଟଚଣ୍ଡିଙ୍କର୍ ଠାନୁ ସମ୍ବଲ୍‌ପୁର୍ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀ, କଳାହାଣ୍ଡିର୍ ମାଣିକେଶ୍ୱରୀ, ସୁବର୍ଣ୍ଣପୁର୍‌ର ସୁରେଶ୍ୱରୀ, ବୌଦ୍ଧର ଭୈରବୀ, କଟକ୍‌ର କଟକ ଚଣ୍ଡୀ, କାକଟ୍‌ପୁର୍ ମଙ୍ଗଳାଙ୍କର୍ ପୀଠମାନ୍‌କେ ଖାସ୍ ନୀତି ମୁଲ୍ ହେଇଛେ ।

ବେଡ଼ମିଂଟନ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ବେଡ଼ମିଂଟନ୍ ସଂଘ ଓଏସ୍‌ବିଏ ତର୍‌ଫୁ ରାଉର୍‌କେଲା ପାନ୍‌ପୋଷ୍ ନ ଥିବା ବିଜୁ ପଟ୍ଟନାୟକ୍ ଇନ୍‌ଡୋର୍ ଖେଲ୍ କମ୍ପ୍ଲେକ୍ସ ଠାନେ ହେଇଥିବା ରାଜ୍ୟସ୍ତରୀୟ ଜୁନିଅର୍ ରେଙ୍କିଙ୍ଗ୍ ବେଡ଼ମିଂଟନ୍ ଟୁର୍ଣ୍ଣାମେଂଟ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଇ ୩ ଦିନିଆ ଟୁର୍ଣ୍ଣାମେଂଟ୍‌ଥି ଭିନ୍ ଭିନ୍ ବର୍ଗ ନ ପାଖାପାଖି ୮୦ ଝନ୍ ଖେଲାଳି ଭାଗ୍ ନେଇଥିଲେ । ମୟଙ୍କ୍

ଭାରଦ୍ୱାଜ୍ ବାଳକ ବର୍ଗର୍ ଏକକ ବିଭାଗ୍‌ଥି ଆଉ ଗୀତାଶ୍ରୀ ଦେ' ବାଳିକା ବିଭାଗ୍‌ଥି ଜିତିଛନ୍ । ସେନ୍ତା ମିକ୍ସଡ୍ ଡବଲ୍ସ୍‌ଥି ବିଭାଗ୍‌ଥି ଆୟୁସ୍ ତ୍ରିପାଠୀ ଆଉ ଅଶ୍ୱିକା ମିଶ୍ର ଜିତିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଆନ୍ଧ୍ରପ୍ରଦେଶ୍ ସମୁଦ୍ରଖଁଡ଼ିର୍ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ପାଖର୍ ଇଲାକା ନ ହେଇଥିବା ଲଘୁଚାପ୍‌ର ବଲେ ଆଏଜ୍ କଲାହାଣ୍ଡି, ସୁନ୍ଦର୍‌ଗଡ୍, ମୟୁର୍‌ଭଞ୍ଜ୍, କେନ୍ଦୁଝର୍, ନବରଙ୍ଗ୍‌ପୁର୍ ଆଉ ରାୟଗଡ଼ା ଜିଲ୍ଲାର୍ କେତେଟା ଜାଗା ନ ଘଡ୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଆଏବା ବୁଧବାର୍ ତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହେବା । ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍‌ଠାନୁ ମୌସୁମୀ ଉତର୍-ପଶ୍ଚିମ ରାଜ୍ୟନୁ ଫିର୍‌ବାର୍ ଅନୁମାନ୍ କରାଯାଉଛେ । ରାଏଜେ ବର୍ଷା ଥିତିକେ ନେଇକରି ପାଣିପାଗ୍ ବିଭାଗ୍ ମହାନିର୍ଦ୍ଦେଶକ୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍, ଆଏବା ୨୦ ତାରିଖ୍‌ତକ୍ ଆଉ ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ଏଛନିର୍ ଥିତି ନ ଇଟା ଅଏତ୍‌କା ଘନୀଭୂତ୍ ହେବାର୍ ସମ୍ଭାବନା ନାଇଁନ । ଧିରେ

ଧିରେ ରାଏଜେ ବର୍ଷା କମ୍‌ବା । ବାତ୍ୟା କି ଅବପାତ୍ ବାବ୍‌ଦେ କେନ୍‌ସି ଫଟିକ୍ ସୂଚ୍‌ନା ନାଇଁନ ବଲି ଶ୍ରୀ ମହାପାତ୍ର କହିଛନ୍ ।